RNI No.ODIODI/2010/33031
୯ମ ବର୍ଷ Volume- 09
ସଂଖ୍ୟା- ୫୦ Issue- 50
ଭୁବନେଶ୍ୱର, ଗୁରୁବାର ୨୬ ଏପ୍ରିଲ ୨୦୧୮
Bhubaneswar, Thursday, 26 April 2018
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ଦିଲ୍ଲୀ ଡେୟାରଡେଭିଲ୍ସ ଅଧିନାୟକ ପଦ ଛାଡ଼ିଲେ ଗମ୍ଭୀର

ଶୁଖିଗଲାଣି ମହାନଦୀ

ଭୁବନେଶ୍ୱର,୨୫।୪(ନି.ପ.): ମହାନଦୀ ଭବିଷ୍ୟତ ନେଇ ଓଡ଼ିଶାବାସୀ ଆଶା ଆଶଙ୍କାରେ ଥିବାବେଳେ ଏହା ଉପରେ ନିର୍ଭର କରୁଥିବା ସହରରେ ଜଳ ସଙ୍କଟ ଦେଖାଯିବା ନେଇ ଜନସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଏବେ ସରକାରଙ୍କ ନିଦ ହଜାଇ ଦେଇଛି । ବିଭାଗୀୟ ସୂଚନା ଅନୁଯାୟୀ, ରାଜ୍ୟରେ ୧୧୨ଟି ସହରାଞ୍ଚଳରେ ଦିନକୁ ପ୍ରାୟ ୬୫ଲକ୍ଷ ଲୋକଙ୍କୁ ୧୦୧୮ନିୟୁତ ଲିଟର ପାଣି ଯୋଗାଣ ହୋଇଥାଏ । ଏମଧ୍ୟରୁ ମହାନଦୀ ଉପରେ ନିର୍ଭର କରୁଥିବା ୫୨ଟି ସହରରେ ୫୮୧ନିୟୁତ ଲିଟର ପାଣି ଯୋଗାଣ ହେଉଛି। ଏବେ ମହାନଦୀ ଜଳସଙ୍କଟ ପରିପ୍ରେକ୍ଷୀରେ ଏସବୁ ଅଞ୍ଚଳକୁ କିଭଳି ଜଳଯୋଗାଣ ହେବ,ତାହା ସବୁ ମହଲକୁ ଆନ୍ଦୋଳିତ କଲାଣି ।

ମହାନଦୀ ଓ ଏହାର ଶାଖା ନଦୀ ଉପରେ ରାଜ୍ୟର ପ୍ରମୁଖ ସହର ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ଅନୁଗୁଳ, ଜଗତସିଂହପୁର, ଝାରସୁଗୁଡା, ନୟାଗଡ଼, କନ୍ଧମାଳ ଆଦିର ଜୀବନ ଜୀବିକା ନିର୍ଭର କରୁଛି। ଖରାଦିନେ ଏସବୁ ଅଞ୍ଚଳର ୩୦ଲକ୍ଷ ଲୋକଙ୍କୁ କିପରି ପାଣି ଯୋଗାଣ ହେବା ସେ ଚିନ୍ତା ଘାରିଲାଣି। ନଗର ଉନ୍ନୟନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏବେ ରାଜ୍ୟର ପ୍ରାୟ ସମସ୍ତ ନଦୀରେ ପାଣି ଶୁଖି ଯାଇଥିବାରୁ ଖରାଦିନେ ଯେପରି ଜଳସଙ୍କଟ ଦେଖା ନଯିବ ସେଥିପାଇଁ ଭୂତଳ ଜଳ ଯୋଗାଣ କରିବାକୁ ଯୋଜନା ହୋଇଛିୟ ପ୍ରାୟ ୭୬୦ଟି ପାନୀୟ ଜଳ ପ୍ରକଳ୍ପ ଏବେ ନିର୍ମାଣାଧୀନ। ଏଥିରୁ ପ୍ରାୟ ସମସ୍ତ ପ୍ରକଳ୍ପରେ ବୋରେଓ୍ୱରୁ ପାଣି ଯୋଗାଣ ପାଇଁ ବ୍ୟବସ୍ଥା ହୋଇଛି। ଆସନ୍ତା ବର୍ଷକ ମଧ୍ୟରେ ଏହି ସବୁ ପ୍ରକଳ୍ପ ଚୂଡ଼ାନ୍ତ ରୂପ ପାଇବ। କିନ୍ତୁ ଏହା ଦୀର୍ଘସ୍ଥାୟୀ ନୁହେଁ। ଭୂତଳ ଜଳକୁ ବ୍ୟବହାର କରି ଆସନ୍ତା ୫ରୁ ୭ବର୍ଷ ଜଳ ଯୋଗାଣ କରିହେବ। ହେଲେ ଦୀର୍ଘସ୍ଥାୟୀ ଯୋଜନା କରିବାକୁ ହେଲେ ନଦୀ ଜଳ ଉପରେ ନିର୍ଭର କରିବାକୁ ପଡ଼ିବ।

ଜଳ ସଙ୍କଟରେ ୫୨ ସହର

ଜନସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ, ଏବେ ମହାନଦୀ ଓ ଏହାର ଶାଖା ନଦୀ ଉପରେ ନିର୍ଭର କରୁଥିବା ଭୁବନେଶ୍ୱରକୁ ଦିନକୁ ୨୬୦ ନିୟୁତ ଲିଟର ପାଣି ଯୋଗାଣ ହେଉଛି। ଏଥିପାଇଁ ଯଦିଓ ମହାନଦୀରୁ ପାଣି ଆସୁଥିବା ନରାଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଉପରେ ପ୍ରଭାବ ପଡ଼ିନି କିନ୍ତୁ କୁଆଖାଇ ନଦୀ ଉପରେ ନିର୍ଭର କରୁଥିବା ପଳାଶୁଣି ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ଦୟା ନଦୀ ଉପରେ ନିର୍ଭର କରୁଥିବା ଭୁଆସୁଣି ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରଭାବିତ ହୋଇଛି। ଏବେଠାରୁ ପ୍ରତି ଦିନ ଆବଶ୍ୟକୀୟ ପାଣି ଯୋଗାଇବା କଷ୍ଟକର ହୋଇଗଲାଣି। ଅଧା ରାଜଧାନୀରେ ପାଣି ଯୋଗାଣ ହୋଇପାରୁଥିବାବେଳେ ପୂରା ରାଜଧାନୀକୁ ଜଳ ଯୋଗାଣ କଲେ ଜଳକଷ୍ଟ ଆହୁରି ବଢ଼ିଯିବ।

ସେହିପରି କଟକରେ ଏବେ ଦିନକୁ ଅତି କମରେ ୧୧୦ ନିୟୁତ ଲିଟର ପାଣି ଆବଶ୍ୟକ ପଡୁଥିବାବେଳେ ଏତିକି ପାଣି ବି ଯୋଗାଇବା ସବୁବେଳେ ସମ୍ଭବ ହେଉନିୟ ଦିନେ ଦିନେ ୧୦୩ନିୟୁତ ଲିଟର ପାଣି ଯୋଗାଣ କରାଯାଇପାରୁଛି। ହେଲେ କଟକ ପାଇଁ ଏହା ଯଥେଷ୍ଟ ହେଉନିୟ ତେଣୁ କଟକ ପାଇଁ ଆଉ ଏକ ଟ୍ରିଟମେଣ୍ଟ ପ୍ଲାଣ୍ଟ ହେଉଛି। ଯୋବ୍ରା ନିକଟରେ ଏନେଇ ଇନଟେକ୍ ଓ୍ୱଲ୍ ହେଉଛି। ମହାନଦୀ ଉପରେ ନିର୍ଭର କରୁଥିବା ସମ୍ବଲପୁର ଅବସ୍ଥା ବି ସେୟାୟ ଏଠାରେ ୫୭ ନିୟୁତ ଲିଟର ପାଣି ଆବଶ୍ୟକ ପଡୁଥିବାବେଳେ ପ୍ରତ୍ୟେକ ଦିନ ଆବଶ୍ୟକୀୟ ପାଣି ଯୋଗାଇବା ସମ୍ଭବ ହେଉନିୟ ଏଠାରେ ସର୍ବାଧିକ ୬୨ନିୟୁତ ଲିଟର ପାଣି ଯୋଗାଇ ଦିଆଯାଇପାରୁଛି। ହେଲେ ସମ୍ବଲପୁରର ସବୁ ଅଞ୍ଚଳକୁ ପାଣି ଯୋଗାଇବା ସମ୍ଭବ ହେଉନି। ବହୁ ଅଞ୍ଚଳରେ ଏବେ ବି ପାଣି ପାଇପ୍ ପଡ଼ିନି। ପୂରା ସମ୍ବଲପୁର ସହର ଏବଂ ଏହା ଆଖପାଖ ଅଞ୍ଚଳକୁ ପାଣି ଯୋଗାଣ କରିବା ପାଇଁ ନୂଆ। ଟ୍ରିଟମେଣ୍ଟ ପ୍ଲାଣ୍ଟ୍ ହେଉଛି।

ଏହି ତିନିଟି ମହାନଗର ନିଗମ ତୁଳନାରେ ପୁରୀ, ଜଗତସିଂହପୁର, ଅନୁଗୁଳ, କେନ୍ଦ୍ରାପଡ଼ା, ବଡ଼ଗଡ଼, ଦେଓଗଡ଼, କନ୍ଧମାଳ ଓ ନୟାଗଡ଼ ଭଳି

- ପୃଷ୍ଠା-୨

ପଶ୍ଚିମ ଓଡ଼ିଶାରୁ କଂଗ୍ରେସର ମହାନଦୀ ବଞ୍ଚାଅ ଅଭିଯାନ

ଭୁବନେଶ୍ୱର,୨୫।୪(ନି.ପ୍ର.): ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ରୂପେ ନିରଞ୍ଜନ ପଟ୍ଟନାୟକ ଦାୟିତ୍ୱ ନେବା ପରେ ସକ୍ରିୟ ହୋଇଛି କଂଗ୍ରେସ। ପଶ୍ଚିମ ଓଡ଼ିଶାରୁ କଂଗ୍ରେସ ଆରମ୍ଭ କରିବ ମହାନଦୀ ବଞ୍ଚାଅ ଅଭିଯାନ। ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ପଶ୍ଚିମ ଓଡ଼ିଶାର କଂଗ୍ରେସ ବିଧାୟକ ତଥା ପିସିସି କାର୍ଯ୍ୟକାରୀ ସଭାପତି ନବ ଦାସ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତାରୁ ରାଜ୍ୟର ସ୍ୱାର୍ଥହାନି ହେଉଛି। ମହାନଦୀ ଶୁଖିଯାଉଛି। ଛତିଶଗଡ଼ର ବେଆଇନ ବ୍ୟାରେଜ୍ ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ଓଡ଼ିଶା ଏହାର ନ୍ୟାଯ୍ୟ ଅଧିକାର ହାସଲ କରିବାରେ ବିଫଳ ହେଉଛି। କଂଗ୍ରେସ ଏହା ବିରୋଧରେ ଜନଜାଗରଣ ସୃଷ୍ଟି କରିବ ବୋଲି ନବନିଯୁକ୍ତ କାର୍ଯ୍ୟକାରୀ ସଭାପତି ନବଦାସ ସୂଚନା ଦେଇଛନ୍ତି।

ମାର୍ଚ୍ଚ ସୁଦ୍ଧା ସହରର ପ୍ରତି ଘରେ ପାଇପ୍ ପାଣି

ଭୁବନେଶ୍ୱର,୨୫।୪(ନି.ପ୍ର.): ସହରାଞ୍ଚଳର ପ୍ରତି ଘରକୁ ଯେପରି ପାନୀୟ ଜଳ ଯୋଗାଣ ହେବ ସେଥିପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ନଗର ଉନ୍ନୟନ ବିଭାଗ ୩୫୯୬କୋଟି ଟଙ୍କା ବ୍ୟୟରେ ୭୬୦ଟି ପ୍ରକଳ୍ପ କରୁଥିବାବେଳେ ଏହାକୁ ଆସନ୍ତା ମାର୍ଚ୍ଚ ପୂର୍ବରୁ କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ସଚିବାଳୟରେ ମୁଖ୍ୟମନ୍ତ୍ରୀ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣର ସମୀକ୍ଷା କରି କହିଲେ ଯେ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରତି ଘରକୁ ଘର ଅଭିଯାନ ଆରମ୍ଭ କରାଯାଇ ସବୁ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରାଯିବୟ ମାର୍ଚ୍ଚ ୨୦୧୯ ସୁଦ୍ଧା ସହରାଞ୍ଚଳରେ ମୁଣ୍ଡ ପିଛା ପାନୀୟ ଜଳ ଯୋଗାଣ ହାର ୭୦ଲିଟରକୁ ବୃଦ୍ଧି କରିବାକୁ କୁହାଯାଇଛି।

ଚଳିତ ଗ୍ରୀଷ୍ମ ଋତୁରେ ଜଳାଭାବ ଦୂର କରିବା ପାଇଁ ୨୪ଟି ସହରାଞ୍ଚଳର ୧୮୫ଟି ଓ୍ୱାର୍ଡର ୪୨୨ଟି ଜଳକ୍ଲିଷ୍ଟ ଅଞ୍ଚଳ ଚିହ୍ନଟ ହୋଇଛି। ଏହି ସବୁ ଅଞ୍ଚଳ ପାଇଁ ୧୮୬୯ଟି ପିଭିସି ଟ୍ୟାଙ୍କ, ୨୧୯ଟି ଭ୍ରାମ୍ୟମାଣ ଟ୍ୟାଙ୍କର ନିୟୋଜିତ କରାଯାଇଛି। ଏ ସବୁ ଅଞ୍ଚଳରେ ଜଳଯୋଗାଣର ସୁପରିଚାଳନା ପାଇଁ ଓ୍ୱାର୍ଡସ୍ତରୀୟ କମିଟିମାନ ମଧ୍ୟ ଗଠନ କରାଯାଇଛି । ଜଳଯୋଗାଣ ସଂକ୍ରାନ୍ତୀୟ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ୨୪ଘଣ୍ଟିଆ। କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି ଏବଂ ତୁରନ୍ତ ସମାଧାନ ପାଇଁ ନିୟମିତ ସମୀକ୍ଷା କରି ପଦକ୍ଷେପ ନିଆଯାଉଛି ବୋଲି ବୈଠକରେ କୁହାଯାଇଛି।

ଆଜିର ବୈଠକରେ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଉନ୍ନୟନ କମିସନର ଆର୍.ବାଲକ୍ରିଷ୍ଣନ, ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି.ମାଥିଭାଥନନ୍, ଜନସ୍ୱାସ୍ଥ୍ୟ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଏସ୍.ଲକ୍ଷ୍ମୀପତି ପ୍ରମୁଖ ଉପସ୍ଥିତ ଥିଲେ।

ଆତଙ୍କବାଦୀ ଗୁଳିରେ ବରିଷ୍ଠ କଂଗ୍ରେସ ନେତାଙ୍କ ମୃତ୍ୟୁ

ଶ୍ରୀନଗର,୨୫।୩: ଆତଙ୍କବାଦୀଙ୍କ ଗୁଳିରେ ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ପଟେଲଙ୍କ ମୃତ୍ୟୁ ହୋଇଛି। ଜାମ୍ମୁ-କାଶ୍ମୀର ପୁଲଓ୍ୱାମାର ରାଜପୋରାରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ଗୁଲାମଙ୍କ ଗାଡ଼ି ଉପରକୁ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ତାଙ୍କୁ ଗୁରୁତର ଭାବେ ହସ୍ପିଟାଲକୁ ନିଆଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ଦୁଇ ବ୍ୟକ୍ତିଗତ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ଏହି ଘଟଣା ନେଇ ଗଭୀର ଦୁଃଖପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜୋରଦାର କରାଯାଇଛି।

ଆଜୀବନ ଜେଲରେ ରହିବେ ଆଶାରାମ

ଯୋଧପୁର,୨୫।୪: ଜେଲର କାଳକୋଠରୀରେ ମୃତ୍ୟୁ ପର୍ଯ୍ୟନ୍ତ ରହିବେ ଆତ୍ମଘୋଷିତ ବାବା ଆଶାରାମ। ନାବାଳିକା ଦୁଷ୍କର୍ମ ମାମଲାରେ ଯୋଧପୁର କୋର୍ଟ ଆଶାରାମଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି । ସେହିଭଳି ଆଶାରାମଙ୍କ ଦୁଇ ସହଯୋଗୀ ରାଜଦାର ଶିଳ୍ପୀ ଓ ଶରତଚନ୍ଦ୍ରଙ୍କୁ ୨୦ ବର୍ଷ ଲେଖାଏଁ ଜେଲ ଦଣ୍ଡ ଶୁଣାଇଛନ୍ତି ଯୋଧପୁର କୋର୍ଟ । ଅନ୍ୟ ଦୁଇ ସହଯୋଗୀ ଶିବା ଓ ପ୍ରକାଶ ନିର୍ଦ୍ଦୋରେ ଖଲାସ ହୋଇଛନ୍ତି। ଯୋଧପୁର କାରାଗାର ପରିସରରେ ବିଚାରପତି ମଧୁସୂଦନ ଶର୍ମା ଏହା ସୂଚିତ କରିଛନ୍ତ କୋର୍ଟଙ୍କ ଏହି ରାୟ ପରେ ଆଶାରାମ ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ରହିବେ ଏହା ନିଶ୍ଚିତ ହୋଇଛି । ତେବେ କୋର୍ଟ ଏହି ରାୟ ଦେବା ସମୟରେ ଆଶାରାମଙ୍କୁ ଏକ ଭିନ୍ନ ରୂପରେ ଦେଖିବାକୁ ମିଳିଥିଲା । କୋର୍ଟରେ ଶୁଣାଣୀ ଚାଲିଥିବା ସମୟରେ ଆଶାରାମ ଶାନ୍ତ ରହିବା ସହ ରାମ ନାମ ଜପ କରିବା ଆରମ୍ଭ କରିଥିଲେ । ତେବେ ଏହାର କିଛି ସମୟ ପରେ ଜୋରରେ ହସିଥିଲେ ଆଶାରାମ । କିନ୍ତୁ ଆଶାରାମଙ୍କ ହସକୁ କ୍ଷଣିକରେ ବଦଳାଇ ଦେଇଥିଲେ ନ୍ୟାୟଧୀଶ । ଯେତେବେଳେ ଦୁଷ୍କର୍ମ ମାମଲାରେ ଜଜ ଆଶାରାମଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଲେ ସେଠାରେ ହିଁ କାନ୍ଦିବା ଆରମ୍ଭ କରିଥିଲେ ଆଶାରାମ ।

ସହଯୋଗୀ ଶିଳ୍ପୀ, ଶରତଙ୍କୁ ୨୦ ବର୍ଷ ଜେଲ୍

ଅନ୍ୟ ଦୁଇ ନିର୍ଦ୍ଦୋଷରେ ଖଲାସ

ଆଶାରାମଙ୍କୁ ପକସୋ ଆଇନ (ଯୌନ ଅପରାଧ କବଳରୁ ଶିଶୁ ସୁରକ୍ଷା ଆଇନ) ଓ ଅନୁସୂଚିତ ଜାତି ଓ ଉପଜାତି (ଅତ୍ୟାଚାର ନିରୋଧ) ଆଇନ ଅନୁସାରେ ତାଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ଶୁଣାଇଛନ୍ତି। ତେବେ ଯୋଧପୁର କୋର୍ଟଙ୍କ ଏହି ରାୟ ବିରୋଧରେ ହାଇକୋର୍ଟରେ

-ପୃଷ୍ଠା-୨

ଲୁଟିନେଲେ ୭ ଲକ୍ଷ ଟଙ୍କା

ରାଉରକେଲା,୨୫।୪(ନି.ପ୍ର.): ରାଉରକେଲାରେ ଟୋଲ ପ୍ଲାଜା କର୍ମଚାରୀଙ୍କ ଠାରୁ ୭ ଲକ୍ଷ ୮୦ ହଜାର ଟଙ୍କା ଲୁଟ୍ ହୋଇଛି। ଟଙ୍କା ଜମା କରିବାକୁ ଯିବାବେଳେ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ଲୁଟ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି।

ଲୁଟ ହୋଇଥିବା କର୍ମଚାରୀଙ୍କ ଅଭିଯୋଗ ଅନୁସାରେ, ସେ ଆଜି ଟଙ୍କା ଡିପୋଜିଟ୍ କରିବା ପାଇଁ ଏକ ମୋଟର ସାଇକେଲ ଯୋଗେ ବ୍ୟାଙ୍କକୁ ଯାଉଥିଲେ। ଝଗରପୁର ନିକଟରେ ହଠାତ ତିନି ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ଟଙ୍କା ଭର୍ତ୍ତି ବ୍ୟାଗକୁ ଛଡାଇବାକୁ ଉଦ୍ୟମ କରିବା ସହ ତାଙ୍କୁ ବନ୍ଧୁକ ଦେଖାଇଥିଲେୟ ସେ ବ୍ୟାଗ ନଦେବାରୁ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକରେ ମାଡ ମାରି

ସାର୍ବଜନୀନ ହେବନି ଦୁଷ୍କର୍ମ ପୀଡ଼ିତାଙ୍କ ନାମ

ନୂଆଦିଲ୍ଲୀ,୨୫।୪: ସବୁବେଳେ ଜଣେ ଦୁଷ୍କର୍ମ ପୀଡ଼ିତାର ନାମକୁ ଗୋପନୀୟ ରଖାଯାଇଥାଏ ।କିନ୍ତୁ ସେ ଯଦି ପ୍ରାଣ ହରାଏ ତା’ ପରେ ନାମକୁ ସାର୍ବଜନୀନ କରାଯାଇଥାଏ। କିନ୍ତୁ ଏହା ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଆଜି ରୋକ ଲଗାଇଛନ୍ତି। ମରିବା ପରେ ମଧ୍ୟ କୌଣସି ପୀଡ଼ିତାଙ୍କର ନାମକୁ ସାର୍ବଜନୀନ କରାଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

ଜମ୍ମୁ-କାଶ୍ମୀର କଠୁଆ। ନାବାଳିକା ଓ ଅନ୍ୟ ପୀଡ଼ିତାଙ୍କ ନାମକୁ ସାର୍ବଜନୀନ କରାଯିବା ଯାଚିକା ଉପରେ ସୁପ୍ରିମକୋର୍ଟ ଆଜି ଶୁଣାଣି କରିଛନ୍ତି । କୋର୍ଟ କହିଛନ୍ତି ମୃତକଙ୍କ ସମ୍ମାନ ଉପରେ ଚିନ୍ତା କରିବା ଉଚିତ । ନାଁ ଓ ପରିଚୟକୁ ଗୋପନୀୟ ରଖି ଗଣମାଧ୍ୟମ ସବୁବେଳେ ଖବର ପ୍ରକାଶ କରିବା ଉଚିତ ଅଟେ। ପୀଡ଼ିତା ଜୀବିତ ଥାଆନ୍ତୁ କିମ୍ବା କିଶୋର ବା ମାନସିକ ବିକାର ଗ୍ରସ୍ତ ହୁଅନ୍ତୁ ତାଙ୍କ ପରିଚୟକୁ ସାର୍ବଜନୀନ କରାଯିବା ଠିକ୍ ନୁହେଁ । ଏହା ତାଙ୍କର ବ୍ୟକ୍ତିଗତ ଅଧିକାର ରହିଛି । ଯଦି ପିଡ଼ୀତା ଜଣଙ୍କ ପ୍ରାଣ ହରାଉଛନ୍ତି ତେବେ ମୃତ ବ୍ୟକ୍ତିଙ୍କର ମଧ୍ୟ ସମ୍ମାନ ରହିଛି । ତେଣୁ ମରିବା ପରେ ମଧ୍ୟ କୌଣସି ଗଣମାଧ୍ୟମ ନାଁକୁ ସାର୍ବଜନୀନ କରିପାରିବେ ନାହିଁ ବୋଲି କୋର୍ଟ କହିଛନ୍ତି। ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂହ ଉଠାଇଥିବା ଏହି ମାମାଲାର ପରବର୍ତ୍ତୀ ଶୁଣାଣୀ ଆସନ୍ତା ମେ ୮ ତାରିଖ ହେବ ବୋଲି ସୂଚନା ମିଳିଛି । ଏଠାରେ ଉଲ୍ଲେଖ ଯୋଗ୍ୟ, କଠୁଆ। ପୀଡ଼ିତାଙ୍କ ନାମକୁ ସାର୍ବଜନୀନ କରିବା ଅଭିଯୋଗରେ ୧୨ଟି ଗଣମାଧ୍ୟମ ସଂସ୍ଥାକୁ ୧୦ ଲକ୍ଷ ଟଙ୍କାର ଜୋରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଦିଲ୍ଲୀ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଭିଜିଲାନ୍ସ ଜାଲରେ ଦୁଇ ସରକାରୀ ଅଧିକାରୀ

ଜଗତସିଂହପୁର/ଗଞ୍ଜାମ,୨୫।୪(ନି.ପ୍ର.): ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଆଜି ଦୁଇଟି ସ୍ଥାନରେ ଚାଉ କରାଯାଇଛି। ଜଗତସିଂହପୁରର ଜଣେ ସହକାରୀ ଯନ୍ତ୍ରୀ ଓ ଗଂଜାମର ଜଣେ ଶିକ୍ଷା ଅଧିକାରୀଙ୍କ ବାସଭବନରେ ଚାଉ କରାଯାଇଛି ।

ଜଗତସିଂହପୁର ଜିଲ୍ଲା ରାସ୍ତା ଓ ଗୃହନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ମିଶ୍ରଙ୍କ ଘରେ ଆଜି ଭିଜିଲାନ୍ସ ପକ୍ଷରୁ ଚାଉ କରାଯାଇଛି। ମୋଟ ୮ଟି ସ୍ଥାନରେ ଭିଜିଲାନ୍ସ ଖୋଳତାଡ଼ କରୁଛି । ରମେଶଙ୍କ ସରକାରୀ କ୍ୱାର୍ଟର୍ସ, ବାଲିକୁଦାସ୍ଥିତ କାର୍ଯ୍ୟାଳୟ, ହିସାହିବିରିର ପୈତୃକ ବାସଭବନ, ପୁରହିତପୁର ସ୍ଥିତ ଶ୍ୱଶୁର ଘର, ସାନମୁଣ୍ଡିଲ ସ୍ଥିତ ଭଉଣୀ ଘର, ଜୟବଢ଼ ସ୍ଥିତ ଘର, ଭୁବନେଶ୍ୱରର ଜାଗମରା ଓ ହାଉସିଂ ବୋର୍ଡ କଲୋନୀ ସମେତ ୮ଟି ସ୍ଥାନରେ ରେଡ୍ କରାଯାଇଛି । ଚଢ଼ାଉ ସମୟରେ ବ୍ୟାଙ୍କ ପାସ୍‌ବୁକ୍ ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଭିଜିଲାନ୍ସର ହସ୍ତଗତ ହୋଇଥିବା ଜଣାପଡ଼ିଛି । ତେବେ କୌଣସି ବେଆଇନ ସମ୍ପତ୍ତି ନାହିଁ ବୋଲି ରମେଶ ସଫେଇ ଦେଇଛନ୍ତି ।

ସେହିପରି ଗଞ୍ଜାମ ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ ଯୁଧିଷ୍ଠିର ଦଳେଇଙ୍କ ଘରେ ଆଜି ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଯୁଧିଷ୍ଠିରଙ୍କ ଘର,ଅଫିସ, ଜନ୍ମସ୍ଥାନ ନନ୍ଦିଆଗଗଡ଼ା, ହିଞ୍ଜିଳି ବାସଭବନ, ଧରାକୋଟସ୍ଥିତ ଅଫିସ ଏବଂ ବ୍ରହ୍ମପୁରସ୍ଥିତ ସମ୍ପର୍କୀୟ ଘରେ ଏକକାଳୀନ ଚଢ଼ାଉ କରିଛି ଭିଜିଲାନ୍ସ ।ଏହି ଚଢାଉରେ ବ୍ରହ୍ମପୁର ଭିଜିଲାନ୍ସର ୩ ଜଣିଆ। ଟିମ୍ ସାମିଲ ହୋଇଛନ୍ତି। ଜବତ ଆୟ ବର୍ହିଭୂତର ସମ୍ପତ୍ତିର ମୂଲ୍ୟ ବର୍ତ୍ତମାନ ସୁଧା ଜଣାପଡ଼ିନି ।

ଡାହୁକ



କଳାଟଙ୍କା ଧଳା ହୋଇନଫେରିଲା
ବିଦେଶରେ ଅଛି ପଡି
ନ କହିବା ଭଲ ବେକାରୀ ସମସ୍ୟା
ଯେମିତି ଯାଇଚି ବଢ଼ି
ସୀମା ବିବାଦକୁ ନେଇ ପାକିସ୍ତାନ
ଡାଳକାଏ ନିଶ ମୋଡ଼ି
କାମ ନାହିଁ ଖାଲି ତାହା ଗୁଲି ଗପ
ଆଚ୍ଛାଦିନ ଆସେ ମାଡ଼ି।

-ବିଧୂ

ଗିରଫ ନେଇ ସ୍ପଷ୍ଟ କଲେ ଡିଜି

ଖୋଲିଲା ପୁଞ୍ଜିଲାଲ ପାଞ୍ଜି

ବଲାଙ୍ଗିର,୨୫।୪(ନି.ପ୍ର.): ପାଟଣାଗଡ ଗିଫ୍ଟ ବୋମା ବିସ୍ଫୋରଣ ମାମଲାର ମାଷ୍ଟରମାଇଣ୍ଡ ପୁଞ୍ଜିଲାଲ୍ ମେହେରଙ୍କ ପାଞ୍ଜି ଖୋଲିଛି କ୍ରାଇମବ୍ରାଞ୍ଚ। ବଲାଙ୍ଗିରରେ ଏକ ସାମ୍ବାଦିକ ସମ୍ମିଳନୀରେ କ୍ରାଇମ୍‌ବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ଘଟଣା ପଛର ରହସ୍ୟ ଉନ୍ମୋଚନ କରିଛନ୍ତି। ଏପରି ଘଟଣା ଘଟାଇବା ପାଇଁ ପୁଞ୍ଜିଲାଲ ଯେପରି ଯୋଜନା କରିଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଧରାପଡିବା ଭୟରେ ନିଜେ ହିଁ ୭/୮ ମାସ ତଳୁ ହତ୍ୟାକାଣ୍ଡର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲା ପୁଞ୍ଜିଲାଲ। ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ଗିରଫ କରାଯାଇଥିବା ନେଇ ସ୍ପଷ୍ଟ କରିଛନ୍ତି ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା। ଆଜି ତାଙ୍କୁ କୋର୍ଟରେ ହାଜର କରାଯାଇଥିବାବେଳେ ୬ ଦିନିଆ ରିମାଣ୍ଡରେ ନିଆଯାଇଛି। ଏହି ଘଟଣାରେ ଜେରା କରାଯାଉଥିବା ଅନ୍ୟ ୬ ଜଣଙ୍କୁ ଆଜି ଛାଡି ଦିଆଯାଇଛି। ଅଧିକ ତଥ୍ୟ ପାଇଁ ତଦନ୍ତ ଜାରି ରହିଛି ନେଇ ବୋଥ୍ରା ପ୍ରକାଶ କରିଛନ୍ତି। ଶେଷରେ ରହସ୍ୟ ଘେରରେ ରହିଥିବା ପୁଞ୍ଜିଲାଲ ପାଞ୍ଜି ଖୋଲିଯାଇଛି।

ସାମ୍ବାଦିକ ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଆଇଜି କହିଥିଲେ ଯେ, ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ପାଇଁ ଚ୍ୟାଲେଞ୍ଜ ହୋଇଥିଲା। ସୌମ୍ୟରଞ୍ଜନଙ୍କ ପରିବାରକୁ ଆମେ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ ତାହା ପୂରଣ କରିଥିବାରୁ ଆମେ ଖୁସି ଅନୁଭବ କରୁଛୁ। ଘଟଣା ସଂପର୍କରେ ବର୍ଣ୍ଣନା କରି ଆଇଜି କହିଥିଲେ ଯେ, ପୁଞ୍ଜିଲାଲ ମେହେର ନାମ ବ୍ୟକ୍ତି ପୂର୍ବରୁ ଭଇଁସା ଜ୍ୟୋତି ବିକାଶ କଲେଜରେ ଅଧ୍ୟାପକ ଥିଲେ। ଯେତେବେଳେ ମୃତ ସୌମ୍ୟଶେଖରଙ୍କ ମା’ ସଂଯୁକ୍ତା ସାହୁ ସେହି କଲେଜକୁ ଅଧ୍ୟାପିକା ହୋଇ ଆସିବାରେ ପୁଂଜିଲାଲଙ୍କ ସହିତ ମତାନ୍ତର ହୋଇଥିଲା । ବାଦବିବାଦ ପରେ ବରିଷ୍ଠତା ପାଇଁ ଅଧକ୍ଷ ପଦ ସଂଯୁକ୍ତାଙ୍କୁ ମିଳିଥିଲା। ଏହା ପରେ ପୁଞ୍ଜିଲାଲ ଏହାର ପ୍ରତିଶୋଧ ନେବା ପାଇଁ ଚାହିଁ ବସିଥିଲେ। ତେବେ କଲେଜରେ ତାଙ୍କୁ ଚିଡ଼ାଇବା ହିଁ ପୁଞ୍ଜିଲାଲଙ୍କ ମନରେ କ୍ରୋଧ ତେଜିଁ ଉଠିଥିଲା। ଫଳରେ ୬/୭ ମାସ ପୂର୍ବରୁ ଅର୍ଥାତ୍ ଦୀପାବଳୀ ସମୟରୁ ହିଁ ଘଟଣାର ଯୋଜନା କରିଥିଲେ ପୁଞ୍ଜିଲାଲ। ଦୀପାବଳୀ ସମୟରେ ସ୍ଥାନୀୟ ବଜାରରୁ ବାଣ ନ କିଣି ବଲାଙ୍ଗୀର ଯାଇ ବହୁ ବାଣ କିଣି ତାଙ୍କର ପାଟଣାଗଡ଼ ସ୍ଥିତ ଘରେ ରଖିଥିଲେ। ଏହି ଘଟଣାରେ ସେ କାହାକୁ ସଂପୃକ୍ତ କରିନଥିଲେ। ବିଭିନ୍ନ ବାଣରୁ ବାରୁଦ ବାହାର କରି ପ୍ରାୟ ୨ କେଜିର ବୋମା ପ୍ରସ୍ତୁତ କରିଥିଲେ। ବୋମା କେବଳ ବାରୁଦରେ ପ୍ରସ୍ତୁତ କରିଥିଲେ। ଜଣେ ଅଧ୍ୟାପକ ଥିବାରୁ ଇଣ୍ଟରନେଟ୍ ବିଷୟରେ ତାଙ୍କର ଜ୍ଞାନ ଥିଲା। ତେଣୁ ବୋମା ପ୍ରସ୍ତୁତ ନେଇ ସେ ଇଣ୍ଟରନେଟର ସାହାଯ୍ୟ ନେଇଥିଲେ। ସର୍ଚ୍ଚ କରିବା ପରେ ହିଷ୍ଟୋରି ଫାଇଲରୁ ସବୁ କିଛି ଡିଲିଟ୍ କରିଦେଉଥିଲେ। ପ୍ରଥମେ ଛୋଟ ଛୋଟ ବୋମା କରି ଏହାକୁ ସଫଳ ରୂପାୟନ ଦେବାକୁ ଚେଷ୍ଟା କରିଥିଲେ। ମାତ୍ର ଏଥିରେ ବିଫଳ ହୋଇଥିଲେ। ପରେ ୧୬ ଥର ଚେଷ୍ଟା ପରେ ସଫଳ ହୋଇଥିଲେ। ଲିଚୁ ବଲ୍‌କୁ କାଟି ଏପରି ଭାବେ ପ୍ରସ୍ତୁତ କରିଥିଲେ ଯେ, ପାର୍ସଲ ଖୋଲିବା ମାତ୍ରେ ବିସ୍ଫୋରଣ ହେବ। ଏହା ମଧ୍ୟରେ ସଂଯୁକ୍ତାଙ୍କ ପୁଅ ସୌମ୍ୟରଞ୍ଜନଙ୍କ ବିବାହ ଖବର ଶୁଣିବା ପରେ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଚାହିଁଥିଲେ ପୁଞ୍ଜିଲାଲ। ବୋମା ପ୍ୟାକେଟ୍‌କୁ ଗିଫ୍ଟ ସାହାଯ୍ୟରେ ପୁଞ୍ଜିଲାଲ ବେଶପୋଷାକ ବଦଳାଇ କଣ୍ଟାବାଞ୍ଜି ରେଲଓ୍ୱେ ଷ୍ଟେସନକୁ ଯାଇଥିଲେ। ଟିକେଟ କଲେ ଧରାପଡିବା ଭୟରେ ସେ ବିନା ଟିକେଟରେ ରାୟପୁର ଯାଇଥିଲେ। ସେଠାରେ ଜଣେ ଅଟୋ ଡ୍ରାଇଭରକୁ ଅଧିକ ଟଙ୍କା ଦେବା ଲୋଭ ଦେଖାଇ କୋରିଅର ଅଫିସକୁ ଯାଇଥିଲେ। ସେଠାରୁ ପାର୍ସଲର ଏକ ରିସିପ୍ଟ ଆଣିଥିଲେ। ରାୟପୁରରୁ ଟ୍ରେନ୍‌ରେ ଆସିବା ବେଳେ ମଧ୍ୟ ସେ ବିନା ଟିକେଟରେ ଆସିଥିଲେ। ଘଟଣା ଘଟିବା ପରେ ସେ ଚୁପ୍ ହୋଇଯାଇଥିଲେ। ତେବେ ତାଙ୍କ ନାଁ ଘଟଣାଚକ୍ରରେ ଆସିବାରୁ ସେ ବଲାଙ୍ଗିର ଏସ୍‌ପିଙ୍କ ନିକଟକୁ ଏକ ବେନାମୀ ଚିଠି ପଠାଇଥିଲେ। ଏଥିରେ ପ୍ରେମ ବ୍ୟାପାର କିମ୍ବା ସମ୍ପତ୍ତି ଲୋଭ ପାଇଁ ହତ୍ୟାକାଣ୍ଡ ହୋଇଥିବା ସେ ଦର୍ଶାଇଥିଲା। ଏହି ଚିଠି ହିଁ ତାଙ୍କ ପାଇଁ କାଳ ହୋଇଥିଲା। ଏହି ଚିଠି ବଳରେ ହିଁ ପୁଞ୍ଜିଲାଲଙ୍କୁ ଜେରା କରାଯାଇଥିଲା ଓ ଘର ସର୍ଚ୍ଚବେଳେ ବାରୁଦ ଓ ଏକ ବହିରୁ ରିସିପ୍ଟ ମିଳିଥିଲା। ଏହା ହିଁ କ୍ରାଇମବ୍ରାଞ୍ଚ ବଡ ସୁରାକ ହୋଇଥିଲା। ପୁଞ୍ଜିଲାଲଙ୍କୁ ଗୁଡାଇ ତୁଡାଇ ପ୍ରଶ୍ନ କରିବାରୁ ଶେଷରେ ଖସିବାର ବାଟ ନ ଥିଲା। ଶେଷରେ କ୍ରାଇମବ୍ରାଞ୍ଚ ଆଗରେ

-ପୃଷ୍ଠା-୨